ଝାରସୁଗୁଡ଼ା ୦୩/୦୪ - ଜିଲ୍ଲାର ତିନିଟି ପୌରାଞ୍ଚଳରେ ଆଜି ମଧ୍ୟ ପୌରପାଳିକା ସହଯୋଗରେ □ଗ୍ନିଶମ ବିଭାଗ ପକ୍ଷରୁ ବିଶୋଧନ କାର୍ଯ୍ୟ ଜାରି ରହିଛି । ଆଜି ଝାରସୁଗୁଡ଼ା ପୌରାଞ୍ଚଳରେ ମନମୋହନ ସ୍କୁଲ ପାଖରୁ ସରବାହାଲ ସ୍କୁଲ ପର୍ଯ୍ୟନ୍ତ ଏବଂ ବ୍ରଜରାଜନଗରର ଲମ୍ପଟିବାହାଲ ପେଟ୍ରୋଲ ପମ୍ପ ଓ ହାଇସ୍କୁଲ □ଞ୍ଚଳ , ଓରିଏଣ୍ଟ ସାଇଡିଂ ଓ ଓରିଏଣ୍ଟ ପୋଲିସ ଷ୍ଟେସନ ରୋଡ଼,କଳିଙ୍ଗ ନଗର , ଏମ୍ ସି ଏଲ କଲ୍ୟାଣ ମଣ୍ଡପ ଓ ଏମ୍ ସି ଏଲ ସେଣ୍ଟ୍ରାଲ ହସ୍ପିଟାଲ ଓ ସନତ ପାଟଯୋଶୀ ଚୌକ □ଂଚଳରେ କ୍ୟାଲସିୟମ ହାଇପୋକ୍ଲୋରାଇଡ଼ ସିଞ୍ଚନ କରାଯାଇଥିଲା। ସେହିପରି ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ବିଶୋଧକ ସିଞ୍ଚନ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା □ନ୍ତର୍ଗତ ହିତାଧିକାରୀମାନଙ୍କୁ କ୍ୟାସ ରିଲିଫ ବାବଦକୁ ହଜାରେ ଟଙ୍କା ଲେଖାଏଁ ବଣ୍ଟନ କରାଯାଇଛି । ଏ ପର୍ଯ୍ୟନ୍ତ ଜିଲ୍ଲାରେ ୧୯୯୯ ଜଣଙ୍କୁ କ୍ୟାସ ରିଲିଫ ବଣ୍ଟନ କରାଯାଇଛି । ବିଭିନ୍ନ ପାଇକାରୀ ଦୋକାନ ଓ ଶୁକ୍ର ବଜାରରେ ଯୋଗାଣ ବିଭାଗ □ଧିକାରୀ ଓ କର୍ମଚାରୀ □ତ୍ୟାବଶ୍ୟକୀୟ ସାମଗ୍ରୀ ବିକ୍ରୀ ତଦାରଖ କରିଥିଲେ । ଗ୍ୟାସ ବିତରକମାନଙ୍କ ନିକଟକୁ ଯାଉଥିବା ଲୋକମାନଙ୍କୁ □ଟକ ରଖିବା ସହିତ  ସିଲିଣ୍ଡରଗୁଡିକୁ ବିତରକମାନଙ୍କ ଜିମା ଦିଆଯାଇ ସମ୍ପୃକ୍ତ ଉପଭୋକ୍ତାମାନଙ୍କ ଘରେ ଗ୍ୟାସ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ବିଭିନ୍ନ ପୌରାଞ୍ଚଳ ଓ ବ୍ଲକମାନଙ୍କରେ ମାଗଣା ଖାଦ୍ୟ ବଣ୍ଟନ ସାଙ୍ଗକୁ ବୁଲା ଗୋରୁଗାଇ ଓ କୁକୁରଙ୍କୁ ଖାଦ୍ୟ ଦିଆଯାଇଛି। କରୋନା ସଂକ୍ରାନ୍ତୀୟ କଟକଣା ଉଲଂଘନ କରିଥିବାରୁ ଆଜି କୋଲାବିରାରେ ୩ଟି ଓ ବେଲପାହାଡରେ ଗୋଟିଏ କେସ ଦରଜ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ □ଧିକାରୀ , ଝାରସୁଗୁଡ଼ା ।



Hotel ROYAL India
ODISHA
FIRE
&
DISASTER
2020.04.03 10:20






SBD
SHANTI BAGICHA DHANELI
ଆଳୁ: ୨୦ କି.ଗ୍ରା
ପିଆଜ: ୨୫ କି.ଗ୍ରା


Valvoline
MS AUTO
LAMTIBAHAL
Kitply
BHAGAWATI PLYWOOD
DIXIT MEDICAL
( CHEMIST & DRUGGIST )
TOTAL